## ଅଗ୍ନିକାଣ୍ଡରେ ଦୋକାନ ଜଳିଗଲା

ଢେଙ୍କାନାଳ ଅଫିସ, ୨୦ା୫: ଢେଙ୍କାନାଳ ସହର ରାଧାକୃଷ୍ଣ ବଜାରରେ ଶୁକ୍ରବାର ଅପରାହ୍ନରେ ଭୀମସେନ ବେହେରାଙ୍କ ରଙ୍ଗ ଦୋକାନରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି। ସୂଚନା ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବାବେଳେ ବିଦ୍ୟୁତ୍ ଶର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି।

## ସଂକ୍ଷେପରେ

### ବାଇକ୍‌କୁ ଧକ୍କାଦେଲା କାର୍ ଜଣେ ମୃତ, ୨ ଗୁରୁତର

ସାତମାଇଲ, ୨୦।୫(ଡି.ଏନ୍.ଏ.)-ହିନ୍ଦୋଳ ବ୍ଲକ ବାଲିମୀ ଥାନା ଅନ୍ତର୍ଗତ ପୁରୁଣା କଟକ-ସମ୍ବଲପୁର ରାସ୍ତାର ଦୁଦୁରୁକୋଟ ତାରିଣୀ ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ କାର୍ ଧକ୍କା ଦେବାରୁ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଙ୍କଡାହାଡ ଥାନା ରୁଡଙ୍ଗ ଗ୍ରାମର ରବି ନାଏକଙ୍କ ପୁଅ ଗୌରାଙ୍ଗ (୨୪)। ଏଥିରେ ତାଙ୍କର ଦୁଇ ବନ୍ଧୁ ଉପେନ୍ଦ୍ର ଦେହୁରୀ ଓ ନରେଶ ପ୍ରଧାନ ଗୁରୁତର ହୋଇଛନ୍ତି। ସମ୍ପୃକ୍ତ ୩ ଜଣ ଏକ ବାଇକ୍ (ନଂ. ଓଡ଼ି-୦୬ କେ ୨୫୯୮)ରେ ସାତମାଇଲ ଦେଇ ମହୀଧରପୁର ଆଡ଼କୁ ଯାଉଥିବାବେଳେ ତାରିଣୀ ଛକ ନିକଟରେ ପଛ ପାଖରୁ ଏକ ଅଜଣା କାର ଦ୍ରୁତଗତିରେ ଆସି ଧକ୍କା ଦେଇ ପଳାଇଥିଲା। ବାଇକ୍‌ରେ ବସିଥିବା ୩ଜଣ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ଗୌରାଙ୍ଗଙ୍କ ମୃତ୍ୟୁ ହୋଇଯାଇଥିଲା। ବାଲିମୀ ଥାନାଧିକାରୀ ବ୍ରହ୍ମାନନ୍ଦ ପାତ୍ର ପହଞ୍ଚି ଦୁଇ ଆହତଙ୍କୁ ଡାକ୍ତରଖାନା ପଠାଇଥିଲେ। ମୃତ ଗୌରାଙ୍ଗଙ୍କ ସାନଭାଇ ରଞ୍ଜନ ନାଏକଙ୍କ ଲିଖିତ ଅଭିଯୋଗକ୍ରମେ ନଂ.୯୮ /୨୨ରେ ଏକ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା କାର୍‌କୁ ଧରିବା ଲାଗି ପୋଲିସ ଉଦ୍ୟମ ଆରମ୍ଭ କରିଛି।

### ଦୋକାନରୁ ଚୋରି ଅଭିଯୋଗ

ବଇଣ୍ଡା,୨୦।୫(ଡି.ଏନ.ଏ.)-ଠାକୁରଗଡ଼ ଥାନା ପାଇକସାହି ଗ୍ରାମର ସାରଥି ନାୟକଙ୍କ ବାଇକ ଗ୍ୟାରେଜରୁ ଗୁରୁବାର ରାତିରେ ଚୋରି ହୋଇଛି। ଏ ନେଇ ସେ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିବାବେଳେ କେତେଜଣ ଯୁବକ ତାଲା ଭାଙ୍ଗି ପଶିଥିଲେ। ସେମାନେ ଦୋକାନରେ ଥିବା ୫୦ ହଜାର ଟଙ୍କାର ସାମଗ୍ରୀ, ଏକ ପମ୍ପସେଟ୍ ଚୋରି କରି ନେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ୧୦୦ ଲିଟର ମଦ ଜବତ

ବଇଣ୍ଡା, ୨୦।୫(ଡି.ଏନ.ଏ.)-ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ହଣ୍ଡପା ଥାନା ସୋଲଣ୍ଡା ଗ୍ରାମରେ ଶୁକ୍ରବାର ଚଢ଼ାଉ କରାଯାଇଛି। ରଘୁନାଥ ମାଝିଙ୍କ ଘରୁ ୧୦୦ ଲିଟର ଦେଶୀ ମହୁଲି ମଦ, ୮୦୦ କେଜି ମହୁଲ ପୋଚ ଜବତ କରିଛି। ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ରଘୁନାଥ ବେଆଇନ ଭାବେ ଘରେ ମଦ ବିକ୍ରି କରୁଥିବା ସୂଚନା ପାଇ ଅବକାରୀ ବିଭାଗ ଅଧିକାରୀ ବଲବୀର ଗଡ଼ନାୟକଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା।

### ଫେରାର ଅଭିଯୁକ୍ତ ଗିରଫ

କଣିହାଁ,୨୦।୫(ଡି.ଏନ.ଏ.)-ଚୋରା କୋଇଲା ଚାଲାଣରେ ସମ୍ପୃକ୍ତି ଅଭିଯୋଗରେ କଣିହାଁ ଥାନା ପୋଲିସ ଛେଣ୍ଡିପଦା ଥାନା କସିଡ଼ିହ ଗ୍ରାମର ଫେରାର ଅଭିଯୁକ୍ତ ଗୋବିନ୍ଦ ପ୍ରଧାନ (୩୩)ଙ୍କୁ ଶୁକ୍ରବାର ଗିରଫ କରିଛି। ଗତ ମାର୍ଚ୍ଚ ୧୫ରେ କଂସମୁଣ୍ଡା ଗ୍ରାମ ଜୟପୁର ସାହିରେ ଏକ ବେଆଇନ କୋଇଲା ଡିପୋରେ ଚଢ଼ାଉ କରାଯାଇଥିଲା। ଘଟଣାସ୍ଥଳରୁ ବିପୁଳ ପରିମାଣର କୋଇଲା, ଜେସିବି ମେଶିନ ଏବଂ ଟ୍ରକ୍ ଜବତ କରାଯାଇଥିଲା। ଏ ନେଇ ନଂ. ୬୯/୨୨ରେ ମାମଲା ରୁଜୁ ହୋଇଥିଲା। ସେହି ସମୟରେ ସୁବ୍ରତ ବାରିକଙ୍କ ସମେତ ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଡିପୋର ଅଂଶୀଦାର ଗୋବିନ୍ଦ ପ୍ରଧାନ ଫେରାର ଥିଲେ। ତାଳଚେର ଏସ୍‌ଡିପିଓ ଏସ. ସ୍ୱାତୀ କୁମାରଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ଗୋବିନ୍ଦଙ୍କୁ ଗିରଫ କରିଥିଲେ।

### ଗଣ୍ଡଗୋଳରେ ଜଣେ ଗୁରୁତର, ଅଭିଯୁକ୍ତ ଗିରଫ

କଣିହାଁ, ୨୦।୫(ଡି.ଏନ୍.ଏ.)-କଣିହାଁ ଥାନା ବଡ଼ହୀରା ଗ୍ରାମ ପୋଖରୀରେ ଗାଧୋଉଥିବାବେଳେ କୌଣସି କାରଣରୁ ଦୁଇ ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏହି ଘଟଣାରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ଆଇଆଇସି କିଶୋର କୁମାର ସାମଲ କହିଛନ୍ତି, ବଡ଼ହୀରା ଗ୍ରାମର ସିଦ୍ଧାନ୍ତ ନାୟକ (୧୮) ଏବଂ ନଗେନ ପ୍ରଧାନ(୨୩) ପୋଖରୀରେ ଗାଧୋଉଥିବାବେଳେ ଉଭୟଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ନଗେନ ଉତ୍ତେଜିତ ହୋଇ ଏକ ପଥରରେ ସିଦ୍ଧାନ୍ତଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ସିଦ୍ଧାନ୍ତଙ୍କ ଅଭିଯୋଗକୁ ଭିତ୍ତିକରି ନଂ.୧୨୯/୨୨ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ନଗେନଙ୍କୁ ଶୁକ୍ରବାର ଗିରଫ କରାଯାଇଛି।

# ସ୍ୱାସ୍ଥ୍ୟକେନ୍ଦ୍ରକୁ ବାଟ ଖୋଜୁଛନ୍ତି ରୋଗୀ

■ପଲସ୍ତରା ଖସିବା ପରେ ମୁଖ୍ୟ ଫାଟକରେ ତାଲା
■୭ଦିନ ହେଲା ଦହଗଞ୍ଜ ହେଉଛନ୍ତି ରୋଗୀ, ସମ୍ପର୍କୀୟ

**ଅନୁଗୋଳ ଅଫିସ, ୨୦ା୫**

ଅନୁଗୋଳ ସ୍ୱାସ୍ଥ୍ୟସେବାର ପ୍ରାଣକେନ୍ଦ୍ର କୁହାଯାଉଥିବା ଜିଲା ଚିକିତ୍ସାଳୟ ଭିତରକୁ ପ୍ରବେଶ କରିବାକୁ ବାଟ ଖୋଜୁଛନ୍ତି ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ। କିଏ ବାଟବଣା ହୋଇ ବସ୍‌ଷ୍ଟାଣ୍ଡ ଆଡ଼କୁ ପଳାଉଛନ୍ତି ତ ଆଉ କିଏ ସ୍ୱାସ୍ଥ୍ୟକେନ୍ଦ୍ର ଚାରିପଟେ ଘୂରି ବୁଲୁଛନ୍ତି। ମେଡିକାଲ ମୁଖ୍ୟ ଫାଟକରେ ୭ଦିନ ହେବ ତାଲା ପଡ଼ିଥିବାରୁ ଏଭଳି ସମସ୍ୟା ଉପୁଜିଛି। ତାଲା କେବେ ଖୋଲିବ, ତାହାକୁ ନେଇ ଅନିଶ୍ଚିତତା ଲାଗି ରହିଥିବାବେଳେ ଦହଗଞ୍ଜ ହେଉଛନ୍ତି ରୋଗୀ।

ଗତ ରବିବାର ଜିଲା ଚିକିତ୍ସାଳୟରେ ମୁଖ୍ୟ ଫାଟକରୁ ପଲସ୍ତରା ଖସିଥିଲା। ଏହାପରେ ବିପଦ ଆଶଙ୍କା ଦର୍ଶାଇ ମୁଖ୍ୟ ଫାଟକରେ ତାଲା ପକାଇ ଦିଆଯାଇଛି। 'ମେଡିକାଲ ମୁଖ୍ୟ ଫାଟକ ବନ୍ଦ ଅଛି। ପଛପାର୍ଶ୍ୱରେ ଯାତାୟାତ କରନ୍ତୁ' ବୋଲି ଲେଖି ଏକ କାଗଜ ମରାଯାଇଛି। ହେଲେ ଏହାର ସୁଚିନ୍ତିତ ବିକଳ୍ପ ବ୍ୟବସ୍ଥା କରାଯାଇନାହିଁ। ଜରୁରୀ ସମୟରେ ରୋଗୀ ଆସିଲେ ମେଡିକାଲ ଭିତରକୁ କିପରି ଯିବେ, ତାହାକୁ ନେଇ ଚିନ୍ତାରେ ପଡୁଛନ୍ତି। ଅନ୍ୟପଟେ ଛାତରୁ ପଲସ୍ତରା ଖସିବା ପରେ ମେଡ଼ିକାଲ କର୍ତ୍ତୃପକ୍ଷ ପୌରପାଳିକାକୁ ଚିଠି କରିଛନ୍ତି। ଆବଶ୍ୟକ ମରାମତି ଏବଂ ଅନ୍ୟ ସମସ୍ୟାର ସମାଧାନ କରିବାକୁ ଏଥିରେ ଉଲ୍ଲେଖ କରିଛନ୍ତି। ଚିଠି ପାଇବା ପରେ ପୌର କର୍ତ୍ତୃପକ୍ଷ ଘଟଣାର ଅନୁଧ୍ୟାନ କରିଛନ୍ତି। ତେବେ ଫାଟକରେ ଅବ୍ୟବସ୍ଥା ସାମ୍ନାକୁ ଆସିଛି। ମୁଖ୍ୟ ଫାଟକ ଉପରେ ଏକ ଆଜବେଷ୍ଟସ୍ ଗୃହ ରହିଛି। ଏହାକୁ ନିର୍ମାଣ ପାଇଁ କିପରି ଅନୁମତି ପ୍ରଦାନ କରାଗଲା, ତାହାକୁ ନେଇ ଖୋଳତାଡ଼ କରିଛନ୍ତି। ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରି ସମସ୍ୟାର ସମାଧାନ କରାଯିବ ବୋଲି ଜଣେ ପଦସ୍ଥ ଅଧିକାରୀ କହିଛନ୍ତି।

ପୂର୍ବରୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଜନପ୍ରତିନିଧି ଏବଂ ପ୍ରଶାସନର ପଦସ୍ଥ ଅଧିକାରୀ ପରିଦର୍ଶନ କରିଥିବାବେଳେ ଏହି ଅବ୍ୟବସ୍ଥା ସେମାନଙ୍କୁ ବିବ୍ରତ କରିଥିଲା। ଉକ୍ତ ଦୋକାନକୁ ଉଚ୍ଛେଦ କରିବାକୁ ସେମାନେ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏପଟେ ମୁଖ୍ୟଫାଟକ ଖୋଲିବା ଯାଏ ସେଠାରେ ରୋଗୀଙ୍କୁ ସୂଚନା ଦେବା ପାଇଁ ଜଣେ କର୍ମଚାରୀଙ୍କୁ ନିୟୋଜିତ କରିବାକୁ ସାଧାରଣରେ ଦାବି ହୋଇଛି।



ଚିକିତ୍ସାଳୟ ମୁଖ୍ୟ ଫାଟକରେ ତାଲା।

# ଚାଲାଣ ବେଳେ ୨୧ ଗୋରୁ ଉଦ୍ଧାର

## ୩ ଗାଡ଼ି ଜବତ, ୧୨ ଗିରଫ

କାମାକ୍ଷାନଗର/ପରଜଙ୍ଗ, ୨୦।୫(ଡି.ଏନ୍.ଏ.) ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ ମହାବିରୋଡ଼ ଫାଣ୍ଡି ନିକଟରୁ ଗୁରୁବାର ପୋଲିସ ୩ ଗାଡ଼ି ଦ୍ୱାରା ଚାଲାଣ ହେଉଥିବା ୨୧ ଗୋରୁ ଉଦ୍ଧାର କରିଛି। ପରଜଙ୍ଗ ବ୍ଲକ ଅଞ୍ଚଳରୁ ଉକ୍ତ ଗୋରୁଙ୍କୁ ଅତି ଦୟନୀୟ ଭାବେ ଗାଡ଼ିରେ ବୋଝେଇ କରି ତେଲକୋଇ ଅଞ୍ଚଳକୁ ଭୋର୍ ୪ଟା ବେଳେ ଚାଲାଣ କରାଯାଉଥିଲା। ସନ୍ଦେହରେ ପୋଲିସ ଗାଡ଼ି ଅଟକାଇବା ବେଳେ ଘଟଣା ପଦାକୁ ଆସିଥିଲା। ଏହି ଘଟଣାରେ ୧୨ ଜଣଙ୍କୁ ଗିରଫ କରାଯାଇଛି। ଜବତ ଗାଡ଼ି ଏବଂ ଉଦ୍ଧାର ଗୋରୁଙ୍କୁ ମହାବିରୋଡ଼ ଫାଣ୍ଡି ପରିସରରେ ରଖାଯାଇଛି। ଡାକ୍ତରୀ ପରୀକ୍ଷା ପରେ ଗୋରୁଙ୍କୁ ଅନୁଗୋଳସ୍ଥିତ ଗୋଶାଳାକୁ ନିଆଯିବ ବୋଲି ଫାଣ୍ଡି ଅଧିକାରୀ ପ୍ରଦୀପ ରଞ୍ଜନ ପାତ୍ର ସୂଚନା ଦେଇଛନ୍ତି। ଅଞ୍ଚଳରେ ବେଆଇନ ଗୋ-ଚାଲାଣ ବଢ଼ିବାରେ ଲାଗିଛି। ବିଭିନ୍ନ ସମୟରେ ଗୋରୁ ବୋଝେଇ ଗାଡ଼ିକୁ ପୋଲିସ ଜବତ କରୁଛି। ତେବେ ଉପଖଣ୍ଡରେ ଏକ ଗୋଶାଳା ନ ଥିବାରୁ ସମସ୍ୟା ଉପୁଜୁଛି। କାମାକ୍ଷାନଗର ଉପଖଣ୍ଡ ଅଞ୍ଚଳରେ ଏକ ଗୋଶାଳା ବ୍ୟବସ୍ଥା କରିବା ଲାଗି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ବ୍ରାହ୍ମଣୀ ନଦୀର ଉମୋଳ ଘାଟ ଦେଇ ଡଙ୍ଗାରେ ପରଜଙ୍ଗ ଅଞ୍ଚଳକୁ ଗୋରୁ ଅଣାଯାଉଛି। ଦଦରାଘାଟି ଫାଣ୍ଡି ଅଧୀନ ୩ନଂ. କଲୋନୀ ନିକଟରେ ରଖାଯାଇ ଚାଲାଣ କରାଯାଉଛି। ସ୍ଥାନୀୟ ପୋଲିସ ଗୋ-ଚାଲାଣକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି।


ଜବତ ଗାଡ଼ି, ଉଦ୍ଧାର ଗୋରୁ।

# ଆଜିଠାରୁ ମାଟ୍ରିକ ଖାତାଦେଖା

## ୨୨୯ ଶିକ୍ଷକ ନିୟୋଜିତ

**ଅନୁଗୋଳ ଅଫିସ, ୨୦ା୫**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଅନୁଷ୍ଠିତ ମାଟ୍ରିକ ପରୀକ୍ଷା ଖାତାଦେଖା କାର୍ଯ୍ୟ ଶନିବାରଠାରୁ ଆରମ୍ଭ ହେବ। ଅନୁଗୋଳ ହାଇସ୍କୁଲ କେନ୍ଦ୍ରରେ ପୂର୍ବାହ୍ନ ୧୦ଟାରୁ ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହେବ। ଏହା ଅପରାହ୍ନ ୫ଟା ଯାଏ ଚାଲିବ। ଏଥିଲାଗି ଜିଲାର ବିଭିନ୍ନ ବ୍ଲକରୁ ମୋଟ ୨୬୨ ବିଦ୍ୟାଳୟର ୨୨୯ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିୟୋଜିତ କରାଯାଇଥିବା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଅନୁଗୋଳ ହାଇସ୍କୁଲଠାରେ ଖାତା ଦେଖିବା ପାଇଁ ମୋଟ୍ ୯ଟି ୟୁନିଟ କରାଯାଇଛି। ପ୍ରତି ୟୁନିଟ୍‌ରେ ଜଣେ ଲେଖାଏ ଚିଫ୍ ଏକ୍‌ଜାମିନର, ୨ ଜଣ ଡେପୁଟି ଚିଫ୍ ଏକ୍‌ଜାମିନର, ୨୪ ଜଣ ଆସିଷ୍ଟାଣ୍ଟ ଏକ୍‌ଜାମିନର ରହିବେ। ୱେବସାଇଟ୍‌ରେ ମାର୍କ ଅପଲୋଡ୍ କରିବା ଲାଗି ଦୁଇ ଜଣ ସ୍କୁଟିନାଇଜରଙ୍କୁ ନିଯୁକ୍ତ କରାଯାଇଛି। ସାହିତ୍ୟ, ଇଂଲିଶ, ହିନ୍ଦୀ, ସଂସ୍କୃତ, ଗଣିତ ବିଷୟ ପାଇଁ ୨୯ଜଣ ନିୟୋଜିତ ହୋଇଛନ୍ତି। ସେହିପରି ଅନ୍ୟ ବିଷୟ ଲାଗି ଜଣେ ଚିଫ୍ ଏକ୍‌ଜାମିନର, ୨ ଜଣ ଡେପୁଟି ଚିଫ୍ ଏକ୍‌ଜାମିନର, ୧୬ ଆସିଷ୍ଟାଣ୍ଟ, ଦୁଇ ଜଣ ସ୍କୁଟିନାଇଜରଙ୍କୁ ନିଯୁକ୍ତ କରାଯାଇଛି। ମୂଲ୍ୟାୟନ କାର୍ଯ୍ୟରେ ନିୟୋଜିତ ଶିକ୍ଷୟିତ୍ରୀଶିକ୍ଷକମାନେ ପୂର୍ବାହ୍ନ ୯.୧୫ରୁ ୯.୩୦ ମଧ୍ୟରେ କେନ୍ଦ୍ରକୁ ପ୍ରବେଶ କରିବେ। ସମସ୍ତ କାର୍ଯ୍ୟ ପରିଚାଳନା ଲାଗି ୨୧ ଜଣିଆ ଟିମଙ୍କୁ ନିୟୋଜିତ କରାଯିବ। ମୂଲ୍ୟାୟନ କେନ୍ଦ୍ରରେ ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି।

# 'ଆମ କୁନାକୁନି' ପ୍ରକାଶନ ଲାଗି ବୈଠକ

**ତାଳଚେର, ୨୦।୫(ନି.ପ୍ର.)**

ଭାଷା, ସାହିତ୍ୟ ଏବଂ ସଂସ୍କୃତିର ବୈଭବକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଲାଗି ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ମା ହିଙ୍ଗୁଳା ପାଠାଗାର'ପକ୍ଷରୁ ତ୍ରୈମାସିକ ଶିଶୁ କିଶୋର ପତ୍ରିକା'ଆମ କୁନାକୁନି' ପ୍ରକାଶନ ଲାଗି ନିଷ୍ପତ୍ତି ହୋଇଛି। ଏ ନେଇ ଏକ ବୈଠକ ପାଠାଗାର ପରିସରରେ ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ହାଡ଼ିବନ୍ଧୁ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିଶୁଙ୍କ ମନସ୍ତତ୍ତ୍ୱ ଆଧାରିତ ଶିକ୍ଷଣୀୟ ଶିଶୁଗଳ୍ପ, କବିତା, ଭ୍ରମଣ କାହାଣୀ, ମହାପୁରୁଷଙ୍କ ଜୀବନୀ, ଜ୍ଞାନବିଜ୍ଞାନ କଥା, ସାଧାରଣ ଜ୍ଞାନ, କୁଇଜ୍ ଭଳି ବିଷୟବସ୍ତୁକୁ ପତ୍ରିକାରେ ସ୍ଥାନ ଦିଆଯିବ। ବିଭୂତି ଭୂଷଣ ସ୍ୱାଇଁ ଏହାର ସମ୍ପାଦନ କରିବେ। ଉପଦେଷ୍ଟା ଭାବେ ବିଶିଷ୍ଟ କଥାକାର ତଥା ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ ଇଂ. ବିଷ୍ଣୁ ସାହୁ, ଶ୍ରମିକ ନେତା ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ଗବେଷକ ବିଭୂତି ଭୂଷଣ ସାହୁ ମନୋନୀତ ହୋଇଛନ୍ତି। ବୈଠକରେ ଉପଦେଷ୍ଟା ପ୍ରଭାକର ପ୍ରଧାନ, ଯୁଗ୍ମ ସମ୍ପାଦକ ଜଗବନ୍ଧୁ ବାରିକ, କୋଷାଧ୍ୟକ୍ଷ ଦୟାନିଧି ସାହୁ, ଅଜିତ ପ୍ରଧାନ, ପଞ୍ଚାନନ ବେହେରା, ରାଜେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଦେଶକୁ ଦିଗ୍‌ଦର୍ଶନ ଦେଇଛି ଢେଙ୍କାନାଳ

## ବୈଶାଖୀ ମହୋତ୍ସବ ଉଦ୍‌ଯାପିତ


ଅଭିନେତ୍ରୀ ରାଲି ନନ୍ଦଙ୍କୁ 'ମିହିର ଦାସ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଉଛି।

**ଢେଙ୍କାନାଳ ଅଫିସ, ୨୦ା୫**

ଢେଙ୍କାନାଳ ସହର ଅତି ଉଚ୍ଚମାନର, ଯେଉଁଠି ମଣିଷ ପଣିଆ ରହିଛି। ରାଜନୀତି ଓ ସାମାଜିକ ଦୃଷ୍ଟିକୋଣରୁ ଢେଙ୍କାନାଳ ସମଗ୍ର ଦେଶକୁ ଦିଗଦର୍ଶନ ଦେଇଆସିଛି। ଭାରତବର୍ଷ ମଧ ଏହି ସହରର ନିଷ୍ପତ୍ତିକୁ ସ୍ୱାଗତ କରିଛି। ଏବେ ବିଶ୍ୱର ଆର୍ଥିକ ପରିସ୍ଥିତି ଜଟିଳ ହୋଇଛି। ଶ୍ରୀଲଙ୍କା ଭଳି ପରିସ୍ଥିତି ଭାରତରେ ବି ସୃଷ୍ଟି ନ ହେବ, ତାହା କେହି କହିପାରିବେ ନାହିଁ। ଭାରତ ବର୍ଷରେ ଗୋଟିଏ ସମୟ ଆସିଛି, ଢେଙ୍କାନାଳ ସହର ଏହାକୁ ନେତୃତ୍ୱ ଦେଇପାରିବ ବୋଲି କହିଛନ୍ତି 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ। ସାଂସ୍କୃତିକ ଅନୁଷ୍ଠାନ 'ଗୁଡନାଇଟ୍ କ୍ଲବ' ପକ୍ଷରୁ ୩ଦିନ ଧରି ଆୟୋଜିତ ବୈଶାଖୀ ମହୋତ୍ସବର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ସ୍ଥାନୀୟ ମିନି ଷ୍ଟାଡିୟମରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ନଗରପାଳ ଜୟନ୍ତୀ ପାତ୍ର, କାମାକ୍ଷାନଗର ନଗରପାଳ ଧର୍ମାନନ୍ଦ ପରିଡ଼ା, ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶ ଚାନ୍ଦ ଗୋଗିନେନି, ସାମାଜିକ କର୍ମୀ ଗଙ୍ଗାଧର ସାମଲ, ଜିଲା ଓକିଲ ସଂଘ ସଭାପତି ସଞ୍ଜୟ କୁମାର ମିଶ୍ର ପ୍ରମୁଖ ଉଦ୍‌ବୋଧନ ପ୍ରଦାନ କରିଥିଲେ।

ଏହି ଅବସରରେ ଚଳଚ୍ଚିତ୍ର ଅଭିନେତ୍ରୀ ରାଲି ନନ୍ଦଙ୍କୁ 'ମିହିର ଦାସ ସ୍ମୃତି ସମ୍ମାନ', କଣ୍ଠଶିଳ୍ପୀ ପ୍ରଫୁଲ୍ଲ କୁମାର ବେହେରାଙ୍କୁ 'ସନ୍ଥକବି ଭୀମଭୋଇ ସମ୍ମାନ', କବୟିତ୍ରୀ ପ୍ରଭାସିନୀ ମହାକୁଡ଼ଙ୍କୁ 'ଶିକ୍ଷାବିତ୍ ଡ. ବିଧାନ ଚନ୍ଦ୍ର ମିଶ୍ର ସ୍ମୃତି ସମ୍ମାନ', ସାମାଜିକ ସାଂସ୍କୃତିକ ବିକାଶ ସଂଘକୁ 'ନନ୍ଦିନୀ ଦେବୀ ସ୍ମୃତି ସମ୍ମାନ', କବି ଅଥୟ କୁମାର ସାହୁଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ସୁକାନ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ରାଜଶ୍ରୀ ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ବିଶ୍ୱନାଥ ବେହେରା ବିବରଣୀ ପାଠ, ଆବାହକ ସତ୍ୟସ୍ୱରୂପ ଦାସ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଦେବାଶିଷ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଥୟ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବରଦାପ୍ରସାଦ ନନ୍ଦ ଧନ୍ୟବାଦ ଦେଇଥିଲେ।


ମିସ୍ ଢେଙ୍କାନାଳ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ।

# ୨ ବର୍ଷ ତିଷ୍ଠିଲାନି ୮ କୋଟିର ରାସ୍ତା

■ଗ୍ୟାରେଣ୍ଟି ସମୟ ପୂର୍ବରୁ ଉଠିଗଲାଣି ପିଚୁ
■ଦୁର୍ଦ୍ଦଶା ଭୋଗୁଛନ୍ତି ସାଧାରଣ ଜନତା
■ଜିଲାପାଳଙ୍କ ନିକଟରେ ଅଭିଯୋଗ

**ବଇଣ୍ଡା, ୨୦।୫(ଡି.ଏନ.ଏ.)**

ଗ୍ରାମାଞ୍ଚଳବାସୀଙ୍କ ଗମନାଗମନ ସୁଗମ କରିବାକୁ ପ୍ରାୟ ୮କୋଟି ଟଙ୍କାରେ ନିର୍ମାଣ କରାଯାଇଥିଲା ରାସ୍ତା। ଏହାର ଗ୍ୟାରେଣ୍ଟି ଅବଧି ସରିନାହିଁ, ଅଥଚ ପିଚୁ ଉଠି ଶୋଚନୀୟ ହୋଇପଡ଼ିଛି ସଡ଼କ। ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କନ୍ତପଡ଼ା ପଞ୍ଚାୟତରୁ ମଇମୁରା ପଞ୍ଚାୟତକୁ ସଂଯୋଗ କରୁଥିବା ପକ୍କାରାସ୍ତାର ଏଭଳି ଦୁରାବସ୍ଥା ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ଏ ନେଇ ବିପ୍ରଡିହ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଏତେ ଟଙ୍କା ବ୍ୟୟରେ ନିର୍ମିତ ରାସ୍ତା ମାତ୍ର ୨ବର୍ଷ ନ ତିଷ୍ଠିବା, ଗ୍ୟାରେଣ୍ଟି ସମୟ ଥାଇ ଠିକାସଂସ୍ଥା ଏହାର ମରାମତି ନ କରିବା ବିଭାଗୀୟ ଅଧିକାରୀ କାର୍ଯ୍ୟଶୈଳୀ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଗ୍ରାମବାସୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ଗ୍ରାମାଞ୍ଚଳକୁ ସଂଯୋଗୀକରଣ ପାଇଁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କନ୍ତପଡ଼ା-ମଇମୁରା ପିଚୁ ରାସ୍ତା ନିର୍ମାଣ କରାଯାଇଥିଲା। ଏଥିରେ ଖର୍ଚ୍ଚ ହୋଇଥିଲା ୭ କୋଟି ୯୯ ଲକ୍ଷ ଟଙ୍କା। ଏହାର କାର୍ଯ୍ୟ ଗତ ୨୦୨୦ ଜାନୁୟାରୀ ୧୮ରେ ସମାପ୍ତ ହୋଇଥିଲା। ଉକ୍ତ ରାସ୍ତା ଦ୍ୱାରା ଉଭୟ ପଞ୍ଚାୟତର ଜଙ୍ଗଲ ଅଧ୍ୟୁଷିତ ବିପ୍ରଡିହ, ତରଣ୍ଡା, ଖଳିତଇଲା, କେଞ୍ଝୁଆନାଳୀ, ମଇମୁରା, କନ୍ତପଡା, ଗୋପୀନାଥପୁର ଆଦି ୭ ଗ୍ରାମର ଲୋକେ ଯୋଗଯୋଗର ସୁବିଧା ପାଇବାକୁ ଲକ୍ଷ୍ୟ ରଖାଯାଇଥିଲା। ତେବେ ନିର୍ମାଣର କିଛିଦିନ ମଧ୍ୟରେ ଉକ୍ତ ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ ଉଠିଯାଇଛି। ପିତାବଳିବାହାଳ (କନ୍ତପଡା)ଠାରୁ ବିପ୍ରଡିହ ପର୍ଯ୍ୟନ୍ତ ରାସ୍ତା ୨ବର୍ଷରେ ଫାଟି ଆଁ କରିଛି। ବଡ଼ବଡ଼ ଖାଲଖମାରେ ଭର୍ତ୍ତି ହୋଇ ମରଣଯନ୍ତା ପାଲଟିଛି। ବିଭାଗୀୟ ଅଧିକାରୀ ଓ ଠିକାସଂସ୍ଥା ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ଏଭଳି ନିମ୍ନମାନର କାମ ହୋଇଛି। ରାସ୍ତା ମରାମତି କରିବା ପାଇଁ ଦାବି କରାଯାଉଥିବାବେଳେ କେହି ଶୁଣୁନାହାନ୍ତି। ତୁରନ୍ତ ରାସ୍ତା ମରାମତି କରା ନ ଗଲେ ଜୋର୍‌ଦାର ଆନ୍ଦୋଳନ କରାଯିବ ବୋଲି ବିପ୍ରଡିହ ଗ୍ରାମର ସମୀର ପ୍ରଧାନ, ମିଟୁ ପ୍ରଧାନ, ପୀତାମ୍ବର ସାହୁ, ଜାନକୀ ସାହୁ, ଦେବରାଜ ନାୟକ, ବନମାଳୀ ନାୟକ, ଶ୍ରୀମତୀ ସାହୁ, ଦୁଃଖବନ୍ଧୁ ଦେହୁରୀ, ପରମାନନ୍ଦ ସାହୁ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ଏସ୍‌ଡିଓ ମଧୁସ୍ମିତା ଦଳେଇ କହିଛନ୍ତି, ଉକ୍ତ ରାସ୍ତାର ମରାମତି କରିବା ପାଇଁ ଠିକାସଂସ୍ଥାକୁ ଅର୍ଡର ଦିଆଯିବ।


ରାସ୍ତାରୁ ଉଠିଯାଇଥିବା ପିଚୁ।

୧୫ତମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତା ଶର୍ମିଷ୍ଠା ମିଶ୍ର
(ସିପୁ)
ଆବିର୍ଭାବ: ତା୨୧।୦୬।୧୯୮୪
ତିରୋଧାନ: ତା୨୨।୦୫।୨୦୦୭
ହତଭାଗ୍ୟ ସ୍ୱାମୀ – ରଶ୍ମି ରଞ୍ଜନ ପାଢ଼ୀ (ଲିଲୁ)
ଆଜି ୧୫ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ପାଢ଼ୀ ପରିବାର ପକ୍ଷରୁ ବିନମ୍ର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
Beauty Palace NX, Jawahar Chouk, Dhenkanal

GOVT. OF INDIA
MINISTRY OF FINANCE
DEPTT. OF FINANCIAL SERVICES
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No.: C-71, Sector-7, CDA, Cuttack-14
**NOTICE TO LEGAL HEIR / REPRESENTATIVE**
(See Rule 85 of the Second Schedule as referred to in section 29 of the Recovery of Debts due to Bank and Financial Institutions Act, 1993)
**R.P No. 079/2010/CTC**
**(Arising out of OA No.198/2009)**
**Next Date: 16.08.2022**

**Andhra Bank, SSI Branch, Jagannathpur, Berhampur-760007, Dist.: Ganjam ...Certificate Holder Bank**
**Vs.**
**M/s. Saptagiri Rolling Private Limited Company & Others ...Certificate Debtors**

To,
3. (a) **Mutta Venkat Surya Sekhar,** Son of Late M.K.D.N.V Prasad Rao, At.: Hill Patna, 2nd Line, P.O.: Berhampur, P.S.: Gosani Nuagaon, Dist.: Ganjam.
3. (b) **Injeti Venkat Laxmi,** W/o.: Injeti Srinivas, Daughter of Late M.K.D.N.V Prasad Rao, At: Hill Patna, 2nd Line, P.O.: Berhampur, P.S.: Gosani Nuagaon, Dist.: Ganjam.

Whereas Recovery Certificate dt.22.12.2010 has been forwarded by the Hon'ble Presiding Officer, Debts Recovery Tribunal, Cuttack for the recovery of decretal dues amounting to **Rs. 4,09,50,379.00 (Rupees Four Crore Nine Lac Fifty Thousand Three Hundred Seventy Nine Only)** Plus interest as Per the certificate from M/s. Saptagiri Rolling Private Limited Company, Registered Office at Tulu Road, Konishi, Berhampur, Dist.: Ganjam Presently at Gandhi Nagar, 1st Lane Extension, Berhampur, Dist.: Ganjam, and Another.

And whereas the said **Sri M.K.D.N.V Prasad Rao,** S/o.: M. Rama Murty, At/P.O.: Hill Patna, Berhampur, P.S.: Baidyanathpur, Dist.: Ganjam, Certificate Debtor No.3, has since **died.**

You are hereby given notice that steps will be taken under all or any of the provisions of the Second Schedule to the Income Tax Act, 1961 read with Section 29 of the Recovery of Debts due to Bank & Financial Institution Act, 1993 to recover the said amount from you together with interest payable and the cost, charge and the expenses incurred in respect of warrants and other processes issued and all other proceedings taken for realising the amount unless the amount of **Rs. 4,09,50,379.00 (Rupees Four Crore Nine Lac Fifty Thousand Three Hundred Seventy Nine Only)** in respect of the certificate together with cost, charge and expenses so far amounting to **Rs. 4,93,42,655.00 (Rupees Four Crore Ninety Three Lakhs Forty Two Thousand Six Hundred Fifty Five Only)** with pendentelite and future interest @ 10% p.a. rests from the date of filing till realization of amount due until the full and final realization of the claim amount with cost and the interest aforesaid is paid by you, within 15 days of the service of the notice.

Given under my hand & seal at Cuttack on this **25th day of April, 2022.**

**Sd/- (Saroj Kumar Biswal)**
**RECOVERY OFFICER**

## ସଂକ୍ଷେପରେ

### ମହିଳାଙ୍କୁ କଚାଡ଼ି ଦେଲା ଦନ୍ତା



ସାତମାଇଲ, ୨୦।୫(ଡି.ଏନ୍.ଏ.): ଢେଙ୍କାନାଳ ଜିଲା ହିନ୍ଦୋଳ ବନାଞ୍ଚଳ ଅନ୍ତର୍ଗତ ମାଧପୁର ଗ୍ରାମର ଦୁଲଣା ବେହେରା ଶୁକ୍ରବାର ହାତୀ ଆକ୍ରମଣର ଶିକାର ହୋଇଛନ୍ତି। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ବାଜି ବେହେରାଙ୍କ ସ୍ତ୍ରୀ ଦୁଲଣା ସକାଳ ପ୍ରାୟ ସାଢ଼େ ୬ଟାରେ ଘର ପଛପଟକୁ ଶୌଚ ହେବାକୁ ଯାଇଥିବାବେଳେ ଉକ୍ତ ଗୋଠଛଡ଼ା ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ହିଂସ୍ର ହାତୀ ତାଙ୍କୁ ଶୁଣ୍ଢରେ ଟେକି ନେଇ କଚାଡ଼ି ଦେଇଥିଲା। ହାତୀ ଗର୍ଜନ ଏବଂ ଦୁଲଣାଙ୍କ ଚିତ୍କାର ଶୁଣି ଗ୍ରାମର ତରଣୀ ସାହୁ, ସନ୍ତୋଷ ସାହୁ, ମୁରଲିଧର ସାହୁ, ରମେଶ ବେହେରା ପ୍ରମୁଖ ହାତୀ ମୁହଁରୁ ତାଙ୍କୁ ଉଦ୍ଧାର କର ହିନ୍ଦୋଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଉଦ୍‌ବେଗଜନକ ଥିବାରୁ ତାଙ୍କୁ ଅନୁଗୋଳ ଏବଂ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବନ କର୍ମଚାରୀ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି। ଏ ନେଇ ବନାଞ୍ଚଳ ଅଧିକାରୀ ଲୋହିତ କୁମାର ରଥ କୁହନ୍ତି, ଦୁଲଣାଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବିଭାଗ ତରଫରୁ ବହନ କରାଯିବ। ଅନ୍ୟପଟେ ଉକ୍ତ ଦନ୍ତା ଦିନକୁ ଦିନ ହିଂସ୍ର ଆଚରଣ ପ୍ରଦର୍ଶନ କରୁଥିବାରୁ ତାକୁ ଅନ୍ୟତ୍ର ଘଉଡ଼ାଇବାକୁ ସାଧାରଣରେ ଦାବି ହୋଇଛି।

### ଲୁଟ୍ ଅଭିଯୁକ୍ତ ଗିରଫ

ଭୁବନ, ୨୦।୫(ଡି.ଏନ୍.ଏ.)-ବନ୍ଧୁକ ଦେଖାଇ ଟ୍ରକ୍ ଡ୍ରାଇଭରଙ୍କୁ ଭୟଭୀତ କରାଇ ବଟି ମାଗିବା ଏବଂ ପଥଚାରୀଙ୍କୁ ଲୁଟ୍ କରିବା ଅଭିଯୋଗରେ ଢେଙ୍କାନାଳ ଜିଲା ଭୁବନ ପୋଲିସ ଏନ୍ଏସି ଅଧୀନ ୧ନଂ. ୱାର୍ଡ ଲତାବିଲ ଅଞ୍ଚଳର ମହମ୍ମଦ ସିଦଓାଜି (୨୬ )ଙ୍କୁ ଶୁକ୍ରବାର ଗିରଫ କରିଛି । ତାଙ୍କ ନିକଟରୁ ଏକ ବନ୍ଧୁକ ଜବତ କରାଯାଇଛି। ମଙ୍ଗଳବାର ସକାଳେ ସେ ଏକ ବନ୍ଧୁକ ଧରି ଆତଙ୍କରାଜ ସୃଷ୍ଟି କରିଥିଲେ। ଗଡ଼ଗହମପୁର ଗ୍ରାମର ବିଶ୍ୱନାଥ ସିଂ ଭୁବନରୁ ଘରକୁ ଫେରୁଥିବାବେଳେ ତାଙ୍କୁ ଭୟଭୀତ କରାଇ ସୁନା ମୁଦି ସହ ୧ ହଜାର ୭୩୦ ଟଙ୍କା ଛଡ଼ାଇ ନେଇଥିଲେ। ଏ ନେଇ ବିଶ୍ୱନାଥଙ୍କ ଅଭିଯୋଗକ୍ରମେ ଥାନାରେ ନଂ. ୧୯୭/୨୨ରେ ଏକ ମାମଲା ରୁଜୁ ହୋଇଥିଲା। ଗଡ଼ଗହମପୁର ଗ୍ରାମବାସୀ ମହମ୍ମଦଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ମହମ୍ମଦଙ୍କ ଅନ୍ୟ ଜଣେ ସହଯୋଗୀ ଫେରାର ଅଛନ୍ତି।

# ଉଠା ଦୋକାନୀଙ୍କ ପାଇଁ ହଟହଟା

■ପୌରସଂସ୍ଥା ନିର୍ଦ୍ଦେଶକୁ ଖାତିର ନାହିଁ
■ଜଟିଳ ହେଉଛି ଟ୍ରାଫିକ୍ ସମସ୍ୟା

ଅନୁଗୋଳ ଅଫିସ, ୨୦।୫



ଜବରଦଖଲ ଉଚ୍ଛେଦ ପରେ ବ୍ୟବସାୟୀ ପୁଣି ଠେଲା ଗାଡ଼ି ଲଗାଇଛନ୍ତି।

ପ୍ରମୁଖ ଜନଗହଳିପୂର୍ଣ୍ଣ ରାସ୍ତାକୁ କବ୍‌ଜା କରୁଛନ୍ତି ଉଠା ଦୋକାନୀ। ନିର୍ଭୟରେ ଠେଲା ଲଗାଇ ପସରା ମେଲାଉଛନ୍ତି। ସେମାନଙ୍କ ବ୍ୟବସାୟ ପାଇଁ ଟ୍ରାଫିକ୍ ସମସ୍ୟା ଜଟିଳ ହେଉଛି। ବିଭିନ୍ନ ସମୟରେ ପୌରପାଳିକା ପକ୍ଷରୁ ସେମାନଙ୍କୁ ତାଗିଦ୍ କରାଯାଉଛି। ଜରିମାନା ମଧ୍ୟ ଆଦାୟ ହେଉଛି। ହେଲେ ଏହାର କୌଣସି ପ୍ରଭାବ ସେମାନଙ୍କ ଉପରେ ପଡୁନାହିଁ। ଏଭଳି ସମସ୍ୟା ଯୋଗୁ ଅନୁଗୋଳ ସହରାଞ୍ଚଳବାସୀ ହଟହଟା ହେଉଥିବାବେଳେ ଏହାର ପ୍ରତିକାର କରିବାକୁ ସେମାନେ ଦାବି କରିଛନ୍ତି।

ଅନୁଗୋଳ ସହରରେ ଉଠାଦୋକାନୀଙ୍କ ସଂଖ୍ୟା ଆଶାତୀତ ଭାବେ ବଢ଼ିବାରେ ଲାଗିଛି। ସକାଳ ହେଲେ ସେମାନେ ଖୋଲାଖୋଲି ପ୍ରମୁଖ ରାସ୍ତାରେ ପସରା ମେଲାଇ ବ୍ୟବସାୟ ଆରମ୍ଭ କରିଦେଉଛନ୍ତି। କିଛିଦିନ ତଳେ ପାଲ ଟାଣି ବ୍ୟବସାୟ କରୁଥିବା ଉଠା ବ୍ୟବସାୟୀଙ୍କୁ ପୌର ପାଳିକା ପକ୍ଷରୁ ଉଚ୍ଛେଦ କରାଯାଇଥିଲା। କିଛିଦିନ ନୀରବ ରହିବା ପରେ ପୁନର୍ବାର ଏବେ ମାଳମାଳ ଠେଲାଗାଡ଼ି ରାସ୍ତାକୁ କବ୍‌ଜାକୁ ନେଲେଣି। କପଡ଼ା, ଜୋତା, ଇଲେକ୍ଟ୍ରୋନିକ୍ ସାମଗ୍ରୀ, ଫଳମୂଳ ବିକୁଛନ୍ତି। ପୌର କର୍ତ୍ତୃପକ୍ଷ ଜରିମାନା ଆଦାୟ କରିବା ସହ ଉଠିବାକୁ ଚେତାବନୀ ଦେଉଥିଲେ ମଧ୍ୟ ସେମାନଙ୍କ ଉପରେ ଏହାର କୌଣସି ପ୍ରଭାବ ପଡୁନାହିଁ। ଏହାକୁ ନେଇ ଅନେକ ସମୟରେ ପୌର କର୍ମଚାରୀ ଏବଂ ଉଠାଦୋକାନୀଙ୍କ ମଧ୍ୟରେ ବାକ୍‌ବିତଣ୍ଡା ହୋଇ ହାତାହାତି ପର୍ଯ୍ୟନ୍ତ କଥା ଯାଉଛି। ଏପରି କି ସେମାନଙ୍କ ମଧ୍ୟରୁ କେତେଜଣ ନିର୍ବାଚିତ ପୌର ପ୍ରତିନିଧିଙ୍କ ନାଁ ନେଇ ନାଲିଆଖି ଦେଖାଉଛନ୍ତି, ଯାହାକୁ ନେଇ ପୌର କର୍ତ୍ତୃପକ୍ଷଙ୍କ ଅଡୁଆ ବଢ଼ିଛି। ଅନୁଗୋଳ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ବ୍ୟବସାୟ କରୁଛନ୍ତି ଛତୁ, ଚା', ଫଳ ଦୋକାନୀଙ୍କୁ ଦୁଇଦିନ ତଳେ ଦୋକାନ ବନ୍ଦ କରିବାକୁ ଦାଗିଦ୍ କରାଯାଇଥିଲା। କିନ୍ତୁ ସେମାନେ ଏହାକୁ ଫୁ' କରି ଉଡ଼ାଇ ଦେଇଛନ୍ତି। ଏଭଳି ଉଠା ବ୍ୟବସାୟୀଙ୍କ ପାଇଁ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବାବେଳେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସହରର ବୁଦ୍ଧିଜୀବୀ ଦାବି କରିଛନ୍ତି।

ଏ ନେଇ ଅଭିଯୋଗ ହେବା ପରେ ପୌର କର୍ତ୍ତୃପକ୍ଷ ଉଚ୍ଛେଦ ଅଭିଯାନ ଆରମ୍ଭ କରିବାକୁ ସଜବାଜ ହେଉଛନ୍ତି। ଏପରି କି ମୋଟା ଅଙ୍କର ଜରିମାନା ଆଦାୟ କରିବାକୁ ଯୋଜନା ପ୍ରସ୍ତୁତ କରାଯାଉଥିବା ଜଣେ ପଦସ୍ଥ ଅଧିକାରୀ ନାମ ଗୋପନ ରଖି କହିଛନ୍ତି।

# ଦଦରାଘାଟି ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର




ଅଧିକାରୀମାନେ କାୟାକଳ୍ପ ପୁରସ୍କାର ଗ୍ରହଣ କରୁଛନ୍ତି।

ଢେଙ୍କାନାଳ ଅଫିସ, ୨୦।୫

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକର ଆଦିବାସୀବହୁଳ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିବା ଦଦରାଘାଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶୁକ୍ରବାର ୨୦୨୧-୨୨ ବର୍ଷ ପାଇଁ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଇଅଛି। ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଜିଲା ଚିକିତ୍ସାଳୟ ତରଫରୁ ଆୟୋଜିତ ଉତ୍ସବରେ ଜିଲାପାଳ ସରୋଜ କୁମାର ସେଠୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅଶୋକ କୁମାର ଦାସ ଉପସ୍ଥିତ ରହି ପୁରସ୍କାର ସ୍ୱରୂପ ୫୦ହଜାର ଟଙ୍କାର ଚେକ୍ ଏବଂ ଏକ ମାନପତ୍ର ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଜ୍ୟୋତିଷ ପାଣିଗ୍ରାହୀ ଏବଂ ନିଉ ଇଣ୍ଡିଆ ଅନୁଷ୍ଠାନର ସମ୍ପାଦକ ଶେଷଦେବ ରାଉତ ଏହି ପୁରସ୍କାର ଗ୍ରହଣ କରିଥିଲେ। ନିଉ ଇଣ୍ଡିଆ ଓ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପିପିପି ମୋଡ୍‌ରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳିତ ହେଉଛି। ସ୍ୱାସ୍ଥ୍ୟ ସଚେତନତା, ସ୍ୱାସ୍ଥ୍ୟ ଉପଯୋଗୀ ପରିଷ୍କାର ପରିଚ୍ଛନ୍ନତା, ରୋଗ ନିରାକରଣ ଉପରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବାରୁ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଛି ।

# ଭଙ୍ଗାଗଲା ବେଆଇନ କଲ୍ୟାଣ ମଣ୍ଡପ



ଜେସିବି ମେଶିନ ଦ୍ୱାରା କଲ୍ୟାଣ ମଣ୍ଡପକୁ ଭଙ୍ଗାଯାଉଛି।

ଅନୁଗୋଳ ଅଫିସ, ୨୦।୫

ଦୀର୍ଘଦିନ ଧରି ବିବାଦରେ ଥିବା ଅନୁଗୋଳ ଅମଲାପଡ଼ା କଲ୍ୟାଣ ମଣ୍ଡପକୁ ଶୁକ୍ରବାର ସକାଳେ ଭଙ୍ଗାଯାଇଛି। ଏହାକୁ ନିର୍ମାଣ କରିଥିବା ଟେଣ୍ଟ ହାଉସ୍ ମାଲିକ ନିଜେ ଜେସିବି ଲଗାଇ ଭାଙ୍ଗି ଦେଇଛନ୍ତି। ସୂଚନାଯୋଗ୍ୟ, ଅମଲାପଡ଼ା ଦୁର୍ଗାପୂଜା ପଡ଼ିଆରେ କମିଟି ପକ୍ଷରୁ ଏକ ସଂସ୍ଥାକୁ ବାହାଘର ନିମନ୍ତେ କଲ୍ୟାଣ ମଣ୍ଡପ ନିର୍ମାଣ କରିବାକୁ ଅନୁମତି ଦିଆଯାଇଥିଲା। ଭଡ଼ା ପଇସାରେ ଦୁର୍ଗା ପୂଜା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ପୂଜା କମିଟିର ଅନ୍ୟ ଏକ ଗୋଷ୍ଠୀ କଲ୍ୟାଣ ମଣ୍ଡପକୁ ସହମତି ବିନା ନିର୍ମାଣ କରାଯାଇଥିବା ବିରୋଧ କରି ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲା। ଅଭିଯୋଗରେ ସତ୍ୟତା ଥିବା ଉପଲବ୍ଧି କରି ଜିଲାପାଳ କଲ୍ୟାଣ ମଣ୍ଡପକୁ ସିଲ୍ କରିଦେଇଥିଲେ। ଏ ନେଇ ସମ୍ପୃକ୍ତ ଟେଣ୍ଟ ହାଉସ୍ ମାଲିକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଟେଣ୍ଟ ହାଉସ ମାଲିକଙ୍କ ପକ୍ଷରୁ କରାଯାଇଥିବା ଆବେଦନର ଯଥାର୍ଥତା ନ ଥିବା କହି ବେଆଇନ ନିର୍ମାଣକୁ ଭାଙ୍ଗିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ଅନୁଗୋଳ ପୌରପାଳିକା ପକ୍ଷରୁ କଲ୍ୟାଣ ମଣ୍ଡପକୁ ଭାଙ୍ଗିବା ପାଇଁ ସ୍ଥିର କରାଯାଇଥିଲା। ଏହା ପୂର୍ବରୁ ମାଲିକ ମଣ୍ଡପକୁ ଭାଙ୍ଗିଦେଇଛନ୍ତି।

# ନିର୍ଯାତନା ଅଭିଯୋଗ ଆଣିଲେ କିନ୍ନର

ଅନୁଗୋଳ ଅଫିସ୍, ୨୦।୫:

ଅନୁଗୋଳ ଥାନା ଅଞ୍ଚଳର ଜଣେ କିନ୍ନର ତାଙ୍କ ସ୍ୱାମୀଙ୍କ ବିରୋଧରେ ଶୁକ୍ରବାର ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଘଟଣାରୁ ଜଣାପଡ଼ିଛି, ଥାନା ଅଞ୍ଚଳର ଜଣେ କିନ୍ନର ଦଣ୍ଡନୃତ୍ୟ ଓ ବିବାହରେ ନୃତ୍ୟ ପ୍ରଦର୍ଶନ କରି ଗୁଜୁରାଣ ମେଣ୍ଟାଉଥିଲେ। ଘରେ ପାଖରେ ରହୁଥିବା ଜଣେ ଯୁବକଙ୍କ ସହ ତାଙ୍କର ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ପରିବାରର ସହମତି ଓ କିନ୍ନର ସଂଘର ଉପସ୍ଥିତିରେ ୬ବର୍ଷ ତଳେ ଉଭୟେ ବିବାହ ହୋଇଥିଲା। ତେବେ ବିବାହର କିଛିଦିନ ପରେ ସ୍ୱାମୀ ଏବଂ ତାଙ୍କ ପରିବାର ଲୋକେ ନିର୍ଯାତନା ଦେଉଥିବା ଅଭିଯୋଗ କରିଛନ୍ତି। ଏପରି କି ପ୍ରାୟ ୬ ଲକ୍ଷ ଟଙ୍କା ଓ ସୁନାଗହଣା ନେବା ପରେ ବି ନିର୍ଯାତନା ଦେଉଥିବା କିନ୍ନର ଜଣକ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

# ଭ୍ରାମ୍ୟମାଣ ଆଇନ ସଚେତନତା କାର୍ଯ୍ୟକ୍ରମ



ଲୋକଙ୍କୁ ଆଇନ ବିଷୟରେ ବୁଝାଯାଉଛି।

ଢେଙ୍କାନାଳ ଅଫିସ, ୨୦।୫

ରାଜ୍ୟ ଆଇନସେବା ପ୍ରାଧିକରଣ ଏବଂ ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣର ମିଳିତ ଆନୁକୂଲ୍ୟରେ ୩ଦିନ ଧରି ଭ୍ରାମ୍ୟମାଣ ଆଇନ ସଚେନତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକରୁ ଆସିଥିବା ଭ୍ରାମ୍ୟମାଣ ଗାଡ଼ି ଗାଁ ଗାଁ ବୁଲି ଆଇନର ବିଭିନ୍ନ ଦିଗ ଉପରେ ଜନସାଧାରଣଙ୍କୁ ଅବଗତ କରାଇଥିଲା।

ଜିଲା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଶରତ କୁମାର ଦେହୁରୀଙ୍କ ଅଧ୍ୟକ୍ଷତାରେ ସଚିବ ସୁକାନ୍ତ କିଶୋର ଜେନାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଇନସେବା ପ୍ରାଧିକରଣର କାର୍ଯ୍ୟ, ଜନଉପଯୋଗୀ ଆଇନ, ଏସିଡ୍ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ସହାୟତା, ଭାରତୀୟ ଦଣ୍ଡବିଧି ଆଇନ, ପୀଡ଼ିତା କ୍ଷତିପୂରଣ ଯୋଜନା, ସରକାରଙ୍କ ବିଭିନ୍ନ ଜନ ମଙ୍ଗଳକାରୀ ଯୋଜନା, ଶ୍ରମିକ କଲ୍ୟାଣ ଯୋଜନା ବିଷୟରେ ଜନସାଧାରଣଙ୍କୁ ବୁଝାଯାଇଥିଲା। ଅଧିକାର କ୍ଷୁଣ୍ଣ ହେଲେ କିଭଳି ପ୍ରତିକାର କରାଯାଇପାରିବ ସେ ନେଇ ମଧ୍ୟ ଅବଗତ କରାଯାଇଥିଲା।

# ଲୋକଙ୍କ ନିକଟରେ ଯୋଜନା ପହଞ୍ଚାଅ



ବଇଣ୍ଡା/ଆଠମଲ୍ଲିକ, ୨୦।୫(ଡି.ଏନ.ଏ.)

ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ ଲୋକଙ୍କ ପାଇଁ ସରକାର ବହୁ ଯୋଜନା ପ୍ରଚଳନ କରିଛନ୍ତି। ହେଲେ ସେସବୁ ହିତାଧିକାରୀଙ୍କ ନିକଟରେ ଠିକ୍ ଭାବେ ପହଞ୍ଚି ପାରୁନାହିଁ। ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ହିତାଧିକାରୀମାନେ ନିରାଶ ହୋଇ ଫେରୁଛନ୍ତି। ସରକାରୀ ଯୋଜନା କିଭଳି ସିଧାସଳଖ ଲୋକଙ୍କଠାରେ ପହଞ୍ଚିବ, ସେ ଦିଗରେ ବ୍ଲକ ପ୍ରଶାସନ ଏବଂ ନିର୍ବାଚିତ ପ୍ରତିନିଧି ଗୁରୁତ୍ୱ ଦିଅନ୍ତୁ ବୋଲି ଶୁକ୍ରବାର ଆଠମଲ୍ଲିକ ବ୍ଲକ ସଭାଗୃହଠାରେ ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକରେ ମତପ୍ରକାଶ ପାଇଛି। ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବିଧାୟକ ରମେଶ ଚନ୍ଦ୍ର ସାଏ, ଅନ୍ୟତମ ଅତିଥି ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ପରେଶ ଦେବ, ବିଡିଓ ସନ୍ତୋଷ ସାହୁ, ବ୍ଲକ ଉପାଧ୍ୟକ୍ଷ ମମତା ମହାକୁଡ଼ ପ୍ରମୁଖ ଯୋଗଦେଇ ସବୁ ଗ୍ରାମରେ କିଭଳି ପିଇବା ପାଣି ପହଞ୍ଚିବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ରାସ୍ତାଘାଟ, ସ୍ୱାସ୍ଥ୍ୟସେବା ଉପରେ ସମୀକ୍ଷା କରାଯାଇଥିଲା। ବ୍ଲକ ଅନ୍ତର୍ଗତ ୨୪ ପଞ୍ଚାୟତର ସମିତିସଭ୍ୟ, ସରପଞ୍ଚଙ୍କ ସହ ବିଭିନ୍ନ ବିଭାଗର ସରକାରୀ ଅଧିକାରୀ ଉପସ୍ଥିତ ଥିଲେ।

# 'ଲୋକଙ୍କ ସମସ୍ୟା ବୁଝ'

ଢେଙ୍କାନାଳ ଅଫିସ, ୨୦।୫



ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଶୁକ୍ରବାର 'ମୋ ପଞ୍ଚାୟତ, ମୋ ବ୍ଲକ ଏବଂ ମୋ ଜିଲା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ ଯୋଗଦେଇ ଜନସାଧାରଣଙ୍କ ସମସ୍ୟା ସମାଧାନ ଲାଗି ଅଗ୍ରାଧିକାର ଦେବାକୁ ବିଡିଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଲାଇନ ଡିପାର୍ଟମେଣ୍ଟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିବା, ପ୍ରତ୍ୟକ୍ଷ ଭାବେ ଲୋକଙ୍କ ସମସ୍ୟା ବୁଝିବା ଦିଗରେ ଯତ୍ନବାନ ହେବା, ଜିଲାର ଜଣେ ଜଣେ ବରିଷ୍ଠ ଅଧିକାରୀ ପ୍ରତିମାସରେ ବ୍ଲକରେ ବୈଠକ ଡାକି ସମୀକ୍ଷା କରିବାକୁ ସେ ପରାମର୍ଶ ଦେଇଛନ୍ତି। ସେହିପରି ଜିଲାରେ ପ୍ରାୟ ୭୦୦୦ ଶିକ୍ଷକ ନିୟୋଜିତ ଅଛନ୍ତି। ସେମାନେ ନିଜସ୍ୱ ଉଦ୍ୟମରେ ଜଣେ ଲେଖାଏ ଅଶିକ୍ଷିତ ବ୍ୟକ୍ତିଙ୍କୁ ଶିକ୍ଷିତ କରାଇବାକୁ କୁହାଯାଇଛି।

ଜିଲାପାଳ ସରୋଜ କୁମାର ସେଠୀ ବୈଠକରେ ଅଧ୍ୟକ୍ଷତା କରି ଜିଲାର ସାକ୍ଷରତା ହାରକୁ ୮୫ରୁ ୯୦ ପ୍ରତିଶତକୁ ବୃଦ୍ଧି କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ୬ମାସ ମଧ୍ୟରେ ଯେପରି ଏହାର ସୁଫଳ ମିଳିପାରିବ, ସେଥିପ୍ରତି ଧ୍ୟାନ ଦେବାକୁ ସେ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ୨୨୦୦ ଅଙ୍ଗନୱାଡି କେନ୍ଦ୍ର ରହିଛି। ପ୍ରତି ଅଙ୍ଗନୱାଡି କର୍ମୀ ଅପପୁଷ୍ଟିର ଶିକାର ଏବଂ ପାଠରେ ଦୁର୍ବଳ ଜଣେ ଲେଖାଏ ପିଲାଙ୍କୁ ପୋଷ୍ୟ ଭାବେ ଗ୍ରହଣ କରି ବିଶେଷ ଯତ୍ନ ନେବାକୁ କୁହାଯାଇଛି। ଭତ୍ତା ପାଉ ନ ଥିବା ବିଧବାଙ୍କୁ ଯଥାଶୀଘ୍ର ଏଥିରେ ସାମିଲ କରିବା ଲାଗି ବିହିତ ପଦକ୍ଷେପ ନେବାକୁ ବିଡିଓଙ୍କୁ ପରାମର୍ଶ ଦିଆଯାଇଛି।

### ସାକ୍ଷରତା ହାର ୯୦%କୁ ବୃଦ୍ଧି କର

ବିଦ୍ୟାଳୟର ଉନ୍ନତୀକରଣ, ଆଶୀର୍ବାଦ ଯୋଜନାରେ ପିଲାଙ୍କୁ ସହାୟତା, ଅଙ୍ଗନୱାଡି କେନ୍ଦ୍ରକୁ ଜଳଯୋଗାଣ, ବିଦ୍ୟୁତ୍ ସଂଯୋଗ, ମୋ ଉପକାରୀ ବଗିଚା, ଶୌଚାଳୟ ନିର୍ମାଣ, ପାଠପଢା ଛାଡ଼ିଥିବା ପିଲାଙ୍କୁ ସ୍କୁଲ ଆଣିବା ବ୍ୟବସ୍ଥା କରିବା, ଚାରାରୋପଣ, ପ୍ରତି ପଞ୍ଚାୟତରେ ମଡେଲ ପାର୍କ, ପୋଖରୀ, ମାଟି ରାସ୍ତା ନିର୍ମାଣ, ଖାଉଟି ସାମଗ୍ରୀ ଯୋଗାଣ, କୃଷିର ଉନ୍ନତି, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅଗ୍ରଗତି ଆଦି ବିଷୟରେ ଆଲୋଚନା ହୋଇଛି। ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ପିଡି ଡିଆରଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଜ୍ୟୋତିଶଙ୍କର ସାହୁ, ଉଦୟ କୁମାର ମହାପାତ୍ରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ